## ସଂକ୍ଷେପରେ

### ୭୩ ପଜିଟିଭ୍ ଚିହ୍ନଟ, ଜଣେ ମୃତ

**ଢେଙ୍କାନାଳ ଅଫିସ, ୧୦।୬:** ଢେଙ୍କାନାଳ ଜିଲାର ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ୪୫ ବର୍ଷ ବୟସ୍କ ଜଣେ ବ୍ୟକ୍ତି। ସେ ଉଚ୍ଚ ରକ୍ତଚାପ ଭଳି ଜଟିଳ ରୋଗରେ ପୀଡ଼ିତ ଥିଲେ। ଏହାପରେ ଜିଲାର ମୋଟ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୪୫ ହୋଇଛି। ସେହିପରି ଗୁରୁବାର ଦିନକରେ ୭୩ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୭ଜଣ ଗୃହ ସଙ୍ଗରୋଧରେ ଥିବାବେଳେ ୧୬ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୧୧, ହିନ୍ଦୋଳ ବ୍ଲକର ୨୨ ଓ ଏନ୍‌ଏସିର ୩, ସଦର ବ୍ଲକର ୧୦, ପରଜଙ୍ଗ ବ୍ଲକର ୧୦, ଗଁଦିଆ ବ୍ଲକ ୭, ଓଡ଼ାପଡ଼ା ବ୍ଲକ ୫, କାମାକ୍ଷାନଗର ବ୍ଲକର ୨, ଭୁବନ ବ୍ଲକର ୧ ଏବଂ ବିଭିନ୍ନ ଚିକିତ୍ସାଳୟରୁ ୨ ଜଣ ରହିଛନ୍ତି। ଅପରପକ୍ଷେ ଦିନକରେ ୭୦ ଜଣ ରୋଗୀ ସୁସ୍ଥ ହୋଇଛନ୍ତି। ଜିଲାରେ ମୋଟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୩,୦୨୩ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଦୁର୍ଘଟଣାରେ ୪ ଗୁରୁତର

**କାମାକ୍ଷାନଗର, ୧୦।୬(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡର ପୃଥକ୍ ସ୍ଥାନରେ ଗୁରୁବାର ଦୁର୍ଘଟଣା ଘଟି ୪ଜଣ ଗୁରୁତର ହୋଇଛନ୍ତି। କାମାକ୍ଷାନଗର ଥାନା ବିଜାଡ଼ିହ ଗ୍ରାମ ନିକଟରେ ଅପରାହ୍ନରେ ଏକ କାର୍ ଓ ମିନି ଟ୍ରକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ କାର୍‌ରେ ବସିଥିବା ତପନ ବିଶ୍ୱାଳ (୨୬) ଏବଂ ଦୁଇ ଶିଶୁପୁତ୍ର ହମିସାଦ ମହାନ୍ତି (୯), ସୁର ମହାନ୍ତି (୪) ଆହତ ହୋଇଛନ୍ତି। ଉକ୍ତ କାର୍ ଝାରସୁଗୁଡ଼ାରୁ ଭୁବନେଶ୍ୱର ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ସେହିପରି ପରଜଙ୍ଗ ଥାନା ମହାବିରୋଡ଼ ଗ୍ରାମର ଝିଲି ବେହେରା (୪୫) ବାଇକ୍‌ରୁ ଖସିପଡ଼ି ଗୁରୁତର ହୋଇଛନ୍ତି। ସେ ପରଜଙ୍ଗରୁ ମହାବିରୋଡ଼ ଫେରୁଥିବା ବେଳେ କୁଟୁରିଆ ଛକ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ରୁ ଖସିପଡ଼ିଥିଲେ। ସମସ୍ତଙ୍କୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### କୋର୍ଟ କର୍ମଚାରୀଙ୍କୁ ଟିକା ପ୍ରଦାନ ଦାବି

**ଆଠମଲ୍ଲିକ, ୧୦।୬(ଡି.ଏନ.ଏ.)-** ଆଠମଲ୍ଲିକ କୋର୍ଟରେ କାର୍ଯ୍ୟରତ ମାଜିଷ୍ଟ୍ରେଟ୍, କର୍ମଚାରୀ ଏବଂ ଓକିଲଙ୍କୁ କରୋନା ଟିକା ପ୍ରଦାନ କରିବାକୁ ଆଇନଜୀବୀ ସଂଘ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। କୋର୍ଟରେ ଦୈନିକ ବହୁ ମାମଲାର ଫଇସଲା ହେଉଛି। ଏହି କାର୍ଯ୍ୟରେ କୋର୍ଟର କର୍ମଚାରୀମାନେ ବାହାର ଲୋକଙ୍କ ସଂସ୍ପର୍ଶରେ ଆସୁଛନ୍ତି। ସଂକ୍ରମଣ ଏଡ଼ାଇବାକୁ ତୁରନ୍ତ କ୍ୟାମ୍ପ କରି ଆର୍‌ଟି-ପିସିଆର୍ ପରୀକ୍ଷା କରିବା ସହିତ କରୋନା ଟିକା ପ୍ରଦାନ କରିବାକୁ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର ଦାବି କରିଛନ୍ତି।

### ଆଇନଜୀବୀଙ୍କ ପରଲୋକ

**ଭୁବନ, ୧୦।୬(ଡି.ଏନ.ଏ.):** ଭୁବନ ଏନ୍‌ଏସିର ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ବିହାରୀ (୭୬)ଙ୍କ ଗୁରୁବାର ଭୋର୍ ସମୟରେ ପରଲୋକ ହୋଇଯାଇଛି। ସେ କିଛିଦିନ ତଳେ ଏକ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ଚିକିତ୍ସା ସତ୍ତ୍ୱେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସି ନ ଥିଲା। ରଗଡ଼ି ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପରଲୋକରେ ସ୍ଥାନୀୟ ରାମମନ୍ଦିରରେ ସଂଘ ପକ୍ଷରୁ ଶୋକସଭା ଆୟୋଜିତ ହୋଇଥିଲା। ସଭାପତି ବାବୁଲି ସେଠୀ, ବରିଷ୍ଠ ଆଇନଜୀବୀ ସନାତନ ଗୁରୁ, କୁଞ୍ଜବିହାରୀ ଚିନ୍ନରା, ନିତ୍ୟାନନ୍ଦ ରାଉତ, ଅଜୟ ଥାଟୋଇ, ପ୍ରକାଶ ନାୟକ ପ୍ରମୁଖ ଦିବଂଗତ ଆତ୍ମାର ସ୍ମୃତିଚାରଣ କରିଥିଲେ।

# ଦୁର୍ବଳ ନଦୀବନ୍ଧ ଉପରେ ନଜର ରଖ

**ଢେଙ୍କାନାଳ ଅଫିସ, ୧୦।୬**

- ସମ୍ଭାବ୍ୟ ବନ୍ୟା ମୁକାବିଲା ଲାଗି ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ
- ଆବଶ୍ୟକସ୍ଥଳେ ସ୍ଥାନାନ୍ତର ହେବେ ଖାଲୁଆ ଅଞ୍ଚଳବାସୀ
- ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍‌କୁ ସଜାଗ ରହିବାକୁ ପରାମର୍ଶ


ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟରେ ୧୧ ତାରିଖଠାରୁ ୩ଦିନ ଧରି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏପରି କି ବର୍ଷା ଯୋଗୁ ବନ୍ୟା, ଭୂସ୍ଖଳନ ଭଳି ପରିସ୍ଥିତି ଉପୁଜିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ସମ୍ଭାବ୍ୟ ବନ୍ୟାର ମୁକାବିଲା ଲାଗି ପ୍ରସ୍ତୁତ ରହିବାକୁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଗୁରୁବାର ଭର୍ଚୁଆଲ ବୈଠକରେ ଏ ନେଇ ଜିଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଦୁର୍ବଳ ନଦୀବନ୍ଧ, ଖାଲୁଆ ଅଞ୍ଚଳ ଉପରେ ସତର୍କ ଦୃଷ୍ଟି ରଖିବା, ବନ୍ୟା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ଏବଂ ଆବଶ୍ୟକସ୍ଥଳେ ପ୍ରଭାବିତ ଅଞ୍ଚଳବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ବନ୍ୟା ହେଲେ ଭୁବନ, ଗଁଦିଆ ଏବଂ କାମାକ୍ଷାନଗର ବ୍ଲକର ଖାଲୁଆ ଅଞ୍ଚଳଗୁଡ଼ିକ ବିଶେଷ ଭାବେ ପ୍ରଭାବିତ ହୋଇଥାଏ। ତେଣୁ ସମ୍ପୃକ୍ତ ବ୍ଲକର ଦୁର୍ବଳ ନଦୀବନ୍ଧଗୁଡ଼ିକ ଉପରେ ନଜର ରଖିବା ଲାଗି ଜଳସେଚନ (ବନ୍ୟା) ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ଖାଲୁଆ ଜାଗାରେ ବସବାସ କରୁଥିବା ଲୋକଙ୍କୁ ବର୍ଷା ସମ୍ପର୍କରେ ଆଗୁଆ ସତର୍କ କରାଯିବ। ଆବଶ୍ୟକସ୍ଥଳେ ସେମାନେ ନିକଟସ୍ଥ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ରକୁ ସ୍ଥାନାନ୍ତର ହେବେ। ପ୍ରଭାବିତଙ୍କ ଲାଗି ଉଭୟ ଶୁଖିଲା ଓ ରନ୍ଧା ଖାଦ୍ୟ ବ୍ୟବସ୍ଥା ସମ୍ପୃକ୍ତ ଅଞ୍ଚଳର ଉପଜିଲାପାଳ, ତହସିଲଦାର ଏବଂ ବିଡିଓମାନେ କରିବେ। ବନ୍ୟା ଦୁର୍ଗତଙ୍କୁ ପଲିଥିନ ଯୋଗାଇ ଦିଆଯିବ। ସ୍ଥାନୀୟ ସରପଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏଥିରେ ଯଥାସମ୍ଭବ ସହଯୋଗ କରିବାକୁ କୁହାଯାଇଛି।

ସେହିପରି ଆବଶ୍ୟକସ୍ଥଳେ ଉଦ୍ଧାର କାର୍ଯ୍ୟ ଲାଗି ଅଗ୍ନିଶମ ସଂସ୍ଥା, ଓଡ୍ରାଫ୍ ଟିମ୍ ବୋଟ୍ ସହ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି। କଲଭର୍ଟ, ବ୍ରିଜ୍‌ଗୁଡ଼ିକୁ ଆବଦ୍ଧମୁକ୍ତ କରିବା, ବର୍ଷାଜଳ ନିଷ୍କାସନ, ସହରାଞ୍ଚଳରେ ଡ୍ରେନେଜ୍ ସଫେଇ, ଆବଶ୍ୟକ ସ୍ଥଳେ ପମ୍ପସେଟ୍ ଦ୍ୱାରା ବର୍ଷାଜଳ ନିଷ୍କାସନ କରାଯିବ। ବର୍ଷାଯୋଗୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେଲେ ଯଥାଶୀଘ୍ର ସରବରାହ ସ୍ୱାଭାବିକ କରିବାକୁ ସେସ୍କୁକୁ କୁହାଯାଇଛି। ବିଶେଷକରି ଜଳଯୋଗାଣ ପଏଣ୍ଟଗୁଡ଼ିକରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ଓ ଉଦ୍ଧାର କାର୍ଯ୍ୟ ବେଳେ ବିଭାଗୀୟ ଅଧିକାରୀମାନେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ବିହିତ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପ କରାଯାଇଛି।

ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଜରୁରୀ ଓ ଆପାତକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ରଙ୍କ ସମେତ ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାରଙ୍କ ସମେତ ଜିଲା ପ୍ରଶାସନର ପଦସ୍ଥ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

## 'ବିକାଶରେ ନନ୍ଦିନୀଙ୍କ ଭୂମିକା ଅନନ୍ୟ'


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୦।୬**

ଢେଙ୍କାନାଳ ଜିଲା ଅକ୍ଷମ କଲ୍ୟାଣ ସମିତି ପରିସରରେ ବୁଧବାର ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୦ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ରାଜୀବଲୋଚନ ସିଂଦେଓ ଯୋଗଦେଇ କହିଲେ, ଢେଙ୍କାନାଳ ଜିଲାର ବିକାଶରେ ନନ୍ଦିନୀ ଦେବୀଙ୍କ ଅବଦାନ ଅତୁଳନୀୟ। ତାଙ୍କ ଉଦ୍ୟମରେ ସଦର ବ୍ଲକ ଗୋବିନ୍ଦପୁରଠାରେ କଳିଙ୍ଗ ସମବାୟ ସୂତାକଳ, ଓଡ଼ାପଡ଼ା ବ୍ଲକ ସିମିନଇଠାରେ କଳତନ୍ତ ପ୍ରତିଷ୍ଠା ହୋଇଥିଲା। ନନ୍ଦିନୀ ଦେବୀଙ୍କ ଉଦ୍ୟମରେ ଜିଲାର ବିକାଶ ନୂଆ ଦିଗ ପାଇଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ମଳୟ ପାଣିଗ୍ରାହୀ, ପ୍ରଦୀପ ଧଳ, ବିପ୍ରବର ସାହୁ, ପ୍ରକାଶ ପାଣିଗ୍ରାହୀ, ଆଲୋକ ମିଶ୍ର ପ୍ରମୁଖ ଉପସ୍ଥିତ ରହି ନନ୍ଦିନୀ ଦେବୀଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ।

## ନିଃଶୁଳ୍କ ଅକ୍ସିଜେନ ସେବା ଆରମ୍ଭ


କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

**କାମାକ୍ଷାନଗର, ୧୦।୬(ଡି.ଏନ.ଏ.)**

ସାମାଜିକ ଅନୁଷ୍ଠାନ 'ପିପୁଲ୍ସ ଫର୍ ସ୍ମାଇଲ' ଏବଂ ଢେଙ୍କାନାଳର ଯୁବ ଅନୁଷ୍ଠାନ ବଜରଙ୍ଗ କ୍ଲବର ମିଳିତ ସହଯୋଗରେ ଗୁରୁବାରଠାରୁ କାମାକ୍ଷାନଗର ଅଞ୍ଚଳରେ ନିଃଶୁଳ୍କ ଅକ୍ସିଜେନ୍ ସେବା ଆରମ୍ଭ ହୋଇଛି। ସ୍ଥାନୀୟ ଦାସୀ କଲ୍ୟାଣମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଥାନାଧିକାରୀ ସୁନୀଲ କୁମାର କର ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଆବଶ୍ୟକ ସମୟରେ ଅକ୍ସିଜେନ ଯୋଗାଣରେ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। କାନପୁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ମାସେ ତଳେ ତାଙ୍କର ସମସ୍ତ ପରିବାର ସଦସ୍ୟ କରୋନା ସଂକ୍ରମିତ ହୋଇଥିଲେ। ଯଦିଓ କାହାରି ଅମ୍ଳଜାନ ଆବଶ୍ୟକତା ପଡ଼ିଲା ନାହିଁ, ତଥାପି ସେ ଆତଙ୍କିତ ଅବସ୍ଥାରେ ଥିଲେ। ଅଞ୍ଚଳରେ ନିଃଶୁଳ୍କ ଅକ୍ସିଜେନ ସେବା ଆରମ୍ଭ ହୋଇଛି। ଏହାଦ୍ୱାରା ରୋଗୀମାନେ ଉପକୃତ ହେବେ।

ବଜରଙ୍ଗ କ୍ଲବ ସଭାପତି ଅମରେନ୍ଦ୍ର ସାମଲ, ସଭ୍ୟ ସନ୍ଦୀପ ଷଡ଼ଙ୍ଗୀ, ରବୀନ୍ଦ୍ର ସୋନି, ରେକୁଳାର ବୈଦ୍ୟରାଜ ସର୍ବେଶ୍ୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପିପୁଲ୍ସ ଫର୍ ସ୍ମାଇଲର ଦେବୀଦତ୍ତ ମହାପାତ୍ର, ରାକେଶ ଦେହୁରୀ, ହରିଶ ବେହେରା, ନିହାର ରଞ୍ଜନ ରାଉତ, ହୃଷୀକେଶ ସାହୁ, ରାମଚନ୍ଦ୍ର ସାହୁ, ପ୍ରିୟାଂଶୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଦୀପ ଷଡ଼ଙ୍ଗୀ ଅକ୍ସିଜେନ ବ୍ୟବହାର ସମ୍ପର୍କରେ ତାଲିମ ଦେଇଥିଲେ।

## ବାଗଡ଼ିଆରେ ଟିକାକରଣ

**ଛେଣ୍ଡିପଦା, ୧୦।୬(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ବାଗଡ଼ିଆ ରାଜୀବ ଭବନଠାରେ ବୁଧବାରଠାରୁ ଟିକାକରଣ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ୧୦୫ ଜଣଙ୍କୁ ଟିକାକରଣ କରାଯାଇଥିଲା। ସାବିତ୍ରୀ ପାଇଁ ଗୁରୁବାର ଟିକାକରଣ ବନ୍ଦ ରହିଥିଲା। ଶୁକ୍ରବାରଠାରୁ ୩ ଦିନ ପର୍ଯ୍ୟନ୍ତ ଏହା ଚାଲୁ ରହିବ ବୋଲି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ ସଞ୍ଜୟ ସାହୁ କହିଛନ୍ତି। ସେହିପରି ବୁଧବାରଠାରୁ ଛେଣ୍ଡିପଦା ବ୍ଲକର ପାତ୍ରପଡ଼ା, ରାଇଝରଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନିଶା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନତଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଟିକାକରଣ ଆରମ୍ଭ ହୋଇଛି। ଏହି କେନ୍ଦ୍ରଗୁଡିକରେ ୪୪ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ କୋଭିଡ ପ୍ରଥମ ଡୋଜ ଟିକା ପ୍ରଦାନ କରାଯାଇଛି। ବାଗଡିଆ ଠାରେ ହୋଇଥିବା ଏହି ଟିକାକରଣରେ ସରପଞ୍ଚ ସଞ୍ଜୟ ଦେହୁରୀ, ପଞ୍ଚାୟତର ଆଶା କର୍ମୀ, ଏମ୍‌ବିକେ ଏବଂ ସିଆର୍‌ପିମାନେ ସହଯୋଗ କରିଥିଲେ।

## ଗଡ଼ିଲା କରୋନା ସଚେତନତା ରଥ



କରୋନା ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୦।୬**

କରୋନାର ଘାତକ ଦ୍ୱିତୀୟ ଲହର ଏବଂ ଏହାକୁ ନେଇ ବ୍ୟାପୁଥିବା ଗୋଷ୍ଠୀ ସଂକ୍ରମଣରୁ ଲୋକଙ୍କୁ ସଚେତନ କରାଇବାକୁ ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ ହୋଇଛି ସଚେତନତା ରଥ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ପତାକା ଦେଖାଇ ଏହାର ଉଦ୍‌ଘାଟନ କରିଥିଲେ। ଜିଲା କରୋନା ମୁକ୍ତ ହେବା ପର୍ଯ୍ୟନ୍ତ ଏହି ରଥ ସମସ୍ତ ସହରାଞ୍ଚଳ, ଗ୍ରାମାଞ୍ଚଳରେ ବୁଲି ସଚେତନତା ବାର୍ତ୍ତା ବାଣ୍ଟିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଧନଜୀବନ ସୁରକ୍ଷା ଲାଗି ପ୍ରତି ବ୍ୟକ୍ତି ସଚେତନ ହୋଇ ନିଜକୁ ଓ ପରିବାରକୁ ସୁରକ୍ଷିତ ରଖିବାକୁ ସେ ଆହ୍ୱାନ ଦେଇଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ୟୁନିସେଫ୍ ଓଡ଼ିଶାର ମିଳିତ ସହଯୋଗରେ ଏହି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ରଥ ଜିଲାର ସମସ୍ତ ୮ ବ୍ଲକ ଏବଂ ସହରାଞ୍ଚଳ ପରିକ୍ରମା କରିବ।

କାର୍ଯ୍ୟକ୍ରମରେ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର, ଯୋଜନା ଓ ସମନ୍ୱୟ ବିଭାଗ ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାରଦା ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ଥିତି ପରଖିଲେ ଉପଜିଲାପାଳ

**ସାତମାଇଲ, ୧୦।୬(ଡି.ଏନ.ଏ.)**

ହିନ୍ଦୋଳ ଉପଖଣ୍ଡରେ କରୋନା ସଂକ୍ରମଣ ଚେନ୍ ଭାଙ୍ଗିବାକୁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଅଧିକ ସଂକ୍ରମିତ ଚିହ୍ନଟ ହେଉଥିବା ଗ୍ରାମଗୁଡ଼ିକରେ କଣ୍ଟାକ୍ଟ ଟ୍ରେସିଂ କରାଯିବା ସହ ଶିବିର କରାଯାଇ ସ୍ୱାବ୍ ପରୀକ୍ଷା କରାଯାଉଛି। ବୁଧବାର ଉପଜିଲାପାଳ ଉଦୟ କୁମାର ମହାପାତ୍ର, ତହସିଲଦାର ସୁଶାନ୍ତ କୁମାର ମିଶ୍ର, ଏସ୍‌ଡିଏମଓ ସୁଧାଂଶୁ ମିଶ୍ର, ସହକାରୀ ତହସିଲଦାର ରାମଗୋବିନ୍ଦ ପରିଡ଼ା ପ୍ରମୁଖ କଣ୍ଟେନମେଣ୍ଟ ଜୋନ୍ ଘୋଷିତ ପଞ୍ଚପଡ଼ା ଗ୍ରାମ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ଆବଦ୍ଧାଞ୍ଚଳ ସମୟରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ସରପଞ୍ଚ ନନ୍ଦିନୀ ଚାନ୍ଦ, ଗ୍ରାମ ସଭାପତି ବିମ୍ବାଧର ପଣ୍ଡା, ସହସମ୍ପାଦକ ରବିନାରାୟଣ ପତି ପ୍ରମୁଖ ଉପସ୍ଥିତ ଥିଲେ।

## କରୋନା ସମ୍ପର୍କିତ ମିଥ୍ୟା ତଥ୍ୟ, ଜଣେ ଗିରଫ

**ବନ୍ତଲା, ୧୦।୬(ଡି.ଏନ.ଏ.)**

ସୋସିଆଲ ମିଡିଆରେ କରୋନା ପଜିଟିଭ୍‌ଙ୍କ ସମ୍ପର୍କରେ ମିଥ୍ୟା ତଥ୍ୟ ଦେବା ଅଭିଯୋଗରେ ବନ୍ତଲା ଅଞ୍ଚଳର ବିଜୟ କୁମାର ସ୍ୱାଇଁଙ୍କୁ ପୋଲିସ ଗିରଫ କରିଛି। ପୋଲିସ କହିଛି, ନନ୍ଦପୁର ପଞ୍ଚାୟତର ନନ୍ଦପୁର, ମାଧପୁର ଓ ମଧୁପୁର ଗ୍ରାମରେ ମଙ୍ଗଳବାର ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କରୋନା ପରୀକ୍ଷା କରାଯାଇଥିଲା। ମାତ୍ର ୧୪ ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ ମଧ୍ୟ ବିଜୟ ଫେସ୍‌ବୁକ୍‌ରେ ୩୫୦ ପଜିଟିଭ୍ ବାହାରିଥିବା ତଥ୍ୟ ଛାଡ଼ିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିଲେ। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଘନଶ୍ୟାମ ବେହେରା ବୁଧବାର ରାତିରେ ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ସୁମିତ୍ରା ପାତ୍ର କହିଛନ୍ତି, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଅଭିଯୋଗକ୍ରମେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ଘରେ ବ୍ରତ ପାଳିଲେ ବ୍ରତଧାରୀ

**ଭୁବନ, ୧୦।୬(ଡି.ଏନ.ଏ.)**


ବ୍ରତଧାରୀମାନେ ନିରାଡ଼ମ୍ବର ଭାବେ ଘରେ ପୂଜା କରୁଛନ୍ତି।

କରୋନା ମହାମାରୀ କାରଣରୁ ଓଡ଼ିଆ ଘରର ପ୍ରମୁଖ ପର୍ବ ସାବିତ୍ର ଓଷା ଫିକା ପଡ଼ିଛି। ଲକ୍‌ଡାଉନ୍ କଟକଣା କଡ଼ାକଡ଼ି ଏବଂ ଭୋର୍ ସମୟରୁ ମନ୍ଦିରରେ ପୋଲିସ ମୁତୟନ କରାଯିବା ପରେ ଭୁବନ ଅଞ୍ଚଳର ବ୍ରତଧାରୀମାନେ ନିରାଡ଼ମ୍ବର ଭାବେ ଘରେ ଓଷା ପାଳିଥିଲେ। ବୁଦ୍ଧେଶ୍ୱର ମହାଦେବ ମନ୍ଦିର, ବାଟତାରିଣୀ, ଛତାମଠ, ମହାଦେବ ମନ୍ଦିରରେ ପ୍ରତିବର୍ଷ ଶ୍ରଦ୍ଧାଳୁମାନେ ସାବିତ୍ରୀ ବ୍ରତ ଆଡମ୍ବର ସହକାରେ ପାଳନ କରୁଥିଲେ। ହେଲେ ଚଳିତ ବର୍ଷ କୋଭିଡ୍ ଲକ୍‌ଡାଉନ୍ ଯୋଗୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ କଟକଣା ଲାଗୁ କରାଯାଇଥିଲା। କଟକଣା ଭଙ୍ଗ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ତଦନୁଯାୟୀ ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ଭୋର୍ ୫ଟାରୁ ପ୍ରମୁଖ ପୀଠରେ ପୋଲିସ ମୁତୟନ ହୋଇଥିଲେ। ତେଣୁ ବ୍ରତଧାରୀମାନେ ଘରେ ପୂଜକଙ୍କୁ ଡାକି ଓଷା ପାଳନ କରିଥିଲେ।

## ସୁନ୍ଦରିଖାଲରେ ଚାରାରୋପଣ


ଚାରାରୋପଣ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୦।୬**

ଢେଙ୍କାନାଳ ସହରସ୍ଥିତ ସୁନ୍ଦରିଖାଲଠାରେ ବିଶ୍ୱ ପରିବେଶ ଅବସରରେ ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ଚାରାରୋପଣ କରାଯାଇଥିଲା। ଜିଲା ବନଖଣ୍ଡ ଅଧିକାରୀ ପ୍ରକାଶଚାନ୍ଦ ଗୋଗିନେନି, ଏସିଏଫ୍ ସୁବ୍ରତ କୁମାର ପାତ୍ର, ବ୍ରହ୍ମାକୁମାର ଉଷା ପ୍ରମୁଖ ଉପସ୍ଥିତ ରହି ଜାମୁ, କଦମ୍ବ ଚାରାରୋପଣ କରିଥିଲେ। ପରିବେଶକୁ ସୁରକ୍ଷିତ ରଖିବାକୁ ଜଣକା ଗୋଟିଏ ଗଛ ଲଗାଇବା ସହ ଏହାକୁ ବଢ଼ାଇବାକୁ ଡିଏଫ୍‌ଓ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

சர்தார் வல்லபாய் படேல் சர்வதேச ஜவுளி மற்றும் மேலாண்மை கல்லூரி
सरदार वल्लभभाई पटेल इंटरनेशनल स्कूल ऑफ टेक्सटाइल्स एंड मैनेजमेंट
SVPITM
SARDAR VALLABHBHAI PATEL
International School of Textiles & Management
Autonomous Institute, Ministry of Textiles, Government of India
1483, Avinashi Road, Peelamedu, COIMBATORE – 641004 Ph : 0422 – 2571675, 2592205
ADMISSION 2021 - 22. Applications Are Invited For SVP Entrance Test
B.Sc.
• Textiles
MBA
• Textile / Apparel / Retail
Applications are also open
12 Weeks Online Short-term Certificate Courses In Medical Textile Management & Non-woven Textile Management for all.
Application forms available in the institute website
Last date for the receipt of application is 25.06.2021
For admission details call 88704 79675 98438 14145
For short-term course details call 90036 45543
Visit www.svpistm.ac.in E-mail : admission@svpitm.ac.in

OFFICE OF THE PRINCIPAL
GOVT. COLLEGE (AUTO), ANGUL
QUOTATION
Sealed quotations are invited from registered manpower service providers for engagement of daily wage workers in Govt. College (Auto), Angul on outsourcing basis for the session 2021-22.
For more information refer college website: www.gaca.nic.in or college notice board.
Sd./- Principal

OFFICE OF THE REGULATED MARKET COMMITTEE, JAGATSINGHPUR
At: Gopalsagar, P.O./Dist.- Jagatsinghpur, Odisha, PIN - 754103
E-mail: rmcjspur@gmail.com
E-PROCUREMENT (INVITATION FOR BID)
TENDER CALL NOTICE No. 392 / Dt.09.06.2021
In pursuant to the advertisement vide No. 392 Dt.09.06.2021, the bid documents will be available for sale in the website www.tenderorissa.gov.in from 10.00 A.M. of 11.06.2021 to 5.00 P.M. of 21.06.2021 for online bidding.
Sd./- Sub Collector-cum-Chairman
RMC, Jagatsinghpur

# ଆବର୍ଜନାକୁ ନେଇ ବଢୁଛି ଆପତ୍ତି

**ଅନୁଗୋଳ ଅଫିସ, ୧୦।୬**


ଅନୁଗୋଳ ସହରର ଏକ ରାସ୍ତା ପାର୍ଶ୍ୱରେ ଆବର୍ଜନା ଗଦା ହୋଇ ରହିଛି।

- କରୋନା କାଳରେ କୁଢ଼ କୁଢ଼ ଅଳିଆ
- ଅପରିଷ୍କାର ହେଲାଣି ଅନୁଗୋଳ ସହର
- ଠିକ୍ ଭାବେ ସଫେଇ କରୁନି ଠିକା ସଂସ୍ଥା

ନୂଆ ଠିକା ସଂସ୍ଥା ସଫେଇ ଦାୟିତ୍ୱ ନେବା ପରେ ଅନୁଗୋଳ ସହରର ଆବର୍ଜନା ସମସ୍ୟା ଦୂର ହୋଇଯିବ ବୋଲି ଅନେକେ ଆଶା କରୁଥିଲେ। କିନ୍ତୁ ସହର ପରିବେଶ ପରିଷ୍କାର ପରିବର୍ତ୍ତେ ଅପରିଷ୍କାର ହେଉଥିବା ନେଇ ଆପତ୍ତି ଅଭିଯୋଗ ବଢ଼ିବାରେ ଲାଗିଛି। କରୋନା ସମୟରେ କୁଢ଼ କୁଢ଼ ଆବର୍ଜନା ଅସନ୍ତୋଷର କାରଣ ହୋଇଛି। ନୂଆ ସଂସ୍ଥା ଯେ ଠିକ୍ ଭାବେ କାମ କରୁନାହିଁ ତାହା ଧୀରେ ଧୀରେ ସ୍ପଷ୍ଟ ହେଉଥିବାରୁ ପୌରପାଳିକା ପକ୍ଷରୁ ଏହା ଉପରେ ନଜର ରଖାଯାଇଛି। ଇତିମଧ୍ୟରେ ଏକାଧିକ ଥର ତାଗିଦ୍ ମଧ୍ୟ କରାଯାଇସାରିଛି।

ରାଜ୍ୟକୁ ମୌସୁମୀ ଛୁଇଁଲାଣି। ଆରମ୍ଭରୁ ପ୍ରବଳ ବର୍ଷା ହେବ ବୋଲି ଆକଳନ କରାଗଲାଣି। କିନ୍ତୁ ଏପର୍ଯ୍ୟନ୍ତ ସହର ସଫେଇ କାର୍ଯ୍ୟ ଠିକ୍ ଭାବେ ହୋଇପାରୁ ନାହିଁ। ଗଦା ହୋଇଥିବା ଆବର୍ଜନା ଉଠାଯାଉ ନ ଥିବାରୁ ବର୍ଷା ବେଳେ ଏହା ସହରକୁ ଦୂଷିତ କରିବ। ଡ୍ରେନ୍ ଜାମ୍ କରି ଜଳ ନିଷ୍କାସନ ସମସ୍ୟା ବଢ଼ାଇବ। ଠିକା ସଂସ୍ଥାର ଏପରି ମନମୁଖି କାର୍ଯ୍ୟର ସନ୍ଧାନ କିଛିଦିନ ତଳେ ଜିଲାପାଳ ପାଇଥିଲେ। ସହର ପରିଦର୍ଶନ ସମୟରେ ଜିଲାପାଳ ଅଳିଆ ଗଦା ଦେଖି ବିରକ୍ତି ପ୍ରକାଶ କରିଥିଲେ। ଏହାପରେ କାର୍ଯ୍ୟ ଠିକ୍‌ଠାକ ଚାଲିଥିଲା। ହେଲେ ସଫେଇ କର୍ମଚାରୀମାନେ ପୁଣି ଢିଲା ମାରିବା ଆରମ୍ଭ କରିଛନ୍ତି। ରାସ୍ତାରେ ପଡୁଥିବା ଅଳିଆ ଉଠାଇ ପରିଷ୍କାର ନ କରି ଏଣେତେଣେ ଗଦେଇ ଦେଉଛନ୍ତି। ଅଳ୍ପଦିନ ତଳେ ଶିମିଳିପଡ଼ା ନିକଟରେ ଅଳିଆ ଉଠାଇବାକୁ ଯାଇଥିବା ସଫେଇ କର୍ମଚାରୀମାନେ ଆବର୍ଜନା ସବୁ ଏକ ପାଚେରି ପାର୍ଶ୍ୱକୁ ଫିଙ୍ଗୁଥିବା ଦେଖାଯାଇଥିଲା। ହରିମହୁରୀ ଛକରୁ ବଜାର ଛକ ରାସ୍ତାରେ ବିଭିନ୍ନ ସମୟରେ ଅଳିଆ ପଡ଼ି ରହୁଛି। ଏହାଦ୍ୱାରା ରାସ୍ତା ସଂକୀର୍ଣ୍ଣ ହୋଇଯାଉଛି। ସେହିଭଳି ଗାନ୍ଧୀ ମାର୍ଗରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳିଛି। ପାଣି ନିଷ୍କାସନ ପାଇଁ ସେଠାରେ ଥିବା ନାଳରେ ସ୍ଥାନୀୟ ଲୋକମାନେ ଅଳିଆ ପକାଉଥିଲେ ମଧ୍ୟ ପୌରପାଳିକା ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ଯେଉଁମାନେ ଏଭଳି କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଚିହ୍ନଟ କରି ଥାନାରେ ମାମଲା ରୁଜୁ କରିବାକୁ ଜିଲାପାଳ କହିଥିଲେ। କିନ୍ତୁ ପୌରପାଳିକା ପକ୍ଷରୁ ସେପରି କରାଯାଉ ନାହିଁ। ଏପରି କି ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

### ଅନୁଧ୍ୟାନ ପରେ କାର୍ଯ୍ୟାନୁଷ୍ଠାନ


"ସହର ସଫେଇ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ଠିକ୍ ଭାବେ ଅଳିଆ ଉଠାଉ ନାହିଁ। ବିଭିନ୍ନ ସ୍ଥାନରେ କେବଳ ନାମକୁ ମାତ୍ର ସଫେଇ ହେଉଥିବା ଅଭିଯୋଗ ଆସୁଛି। ଏ ନେଇ ସଂସ୍ଥାକୁ ବାରମ୍ବାର ଅବଗତ କରାଗଲାଣି। ତଥାପି କାର୍ଯ୍ୟରେ ଖିଲାପ ହେଉଥିବାରୁ ଅନୁଧ୍ୟାନ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ

### ଅବ୍ୟବସ୍ଥା କେବେ ସୁଧୁରିବ


"ଅନୁଗୋଳ ସହର ସଫେଇକୁ ନେଇ ଦୀର୍ଘ ଦିନ ହେବ ଅବ୍ୟବସ୍ଥା ଲାଗି ରହିଛି। ନୂଆ ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯିବା ପରେ ସହର ପରିଷ୍କାର ପରିଚ୍ଛନ୍ନ ରହିବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଥିଲା। କିନ୍ତୁ ତାହା ହେଉନାହିଁ। ଆବର୍ଜନା ଗଦା ହୋଇ ରହୁଥିବାରୁ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି।
-ସମୀର ପରିଡ଼ା, ଅନୁଗୋଳ

### ଅଳିଆରେ ଘାଣ୍ଟି ହେଉଛନ୍ତି ସହରବାସୀ


"କରୋନା ବ୍ୟାପୁଥିବା ସମୟରେ ରାସ୍ତା କଡ଼ରେ କୁଢ଼ କୁଢ଼ ଆବର୍ଜନା ଗଦା ହୋଇ ରହୁଛି। ଫଳରେ ବିଭିନ୍ନ ରୋଗ ବ୍ୟାପିବାର ଭୟ ରହୁଛି। ପୌରପାଳିକା ପକ୍ଷରୁ ସଫେଇ କାର୍ଯ୍ୟ ଉପରେ ଦୃଷ୍ଟି ଦିଆଯାଉ ନାହିଁ। ଏଥିଯୋଗୁ ପରିବେଶ ଦୂଷିତ ହେଉଛି। ସହରୀ ଲୋକ ଟିକସ ଦେଉଥିଲେ ମଧ ଅଳିଆ ମଧରେ ଘାଣ୍ଟି ହେଉଛନ୍ତି।
-ସୁମନ ଜେନା, ଅନୁଗୋଳ

### କାର୍ଯ୍ୟ ତଦାରଖ ହେଉ ନାହିଁ


"ଅନୁଗୋଳ ପୌରପାଳିକା ଠିକ୍ ଭାବେ ସଫେଇ କାର୍ଯ୍ୟ ପରିଚାଳନା କରିପାରୁ ନାହିଁ। ଠିକା ସଂସ୍ଥାର କାର୍ଯ୍ୟ ତଦାରଖ କରୁନାହିଁ। ପୂର୍ବରୁ ଏଥିପାଇଁ ଲୋକପ୍ରତିନିଧିଙ୍କୁ ଦୋଷ ଦିଆଯାଉଥିଲା। ଗତ ୩ ବର୍ଷ ହେବ ପ୍ରଶାସନ ହାତରେ ପୌରପାଳିକା ରହିଥିଲେ ମଧ କାହିଁକି ସମସ୍ୟା ଦୂର ହେଉନାହିଁ।
-ଗୋପାଳ ଚନ୍ଦ୍ର ନାଥ, ଆଇନଜୀବୀ, ଅନୁଗୋଳ

## ଚୋରି ଟ୍ରକ୍ ଜବତ, ୫ ଗିରଫ

**ତାଳଚେର,୧୦।୬(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେର ପୋଲିସ ଚୋରି ଯାଇଥିବା ୨ଟି ଟ୍ରକ୍‌କୁ ଗୁରୁବାର ଜବତ କରିଛି। ଏହି ଘଟଣାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ସୁବର୍ଣ୍ଣପୁର ବାଙ୍କିର ସୌମ୍ୟରଞ୍ଜନ ସେଠୀ, ବେନ୍ତପୁର ଗ୍ରାମର ଶୁଭାଶିଷ ସେଠ, ଖଣ୍ଡହତା ଯାଜପୁରର ବିକାଶ ଜେନା, ଶ୍ରୀବନ୍ତପୁର ଯାଜପୁରର ମହେନ୍ଦ୍ର ପ୍ରତିହାରୀ ଓ ହାଣ୍ଡିଧୂଆଁ ଗ୍ରାମର ସନ୍ତୋଷ କୁମାର ଦାସ। ପୋଲିସ କହିଛି, ଏପ୍ରିଲ ୧୨ ତାରିଖ ରାତି ୮ଟାରେ ବିଜୟ କୁମାର ଦାସଙ୍କ ଡ୍ରାଇଭର ଲିଙ୍ଗରାଜ ରୋଡ୍‌ରେ ଟ୍ରକ (ନଂ. ଓଆର୧୯ସି-୪୬୩୩) ରଖି ହୋଟେଲକୁ ଖାଇବାକୁ ଯାଇଥିଲେ। ଫେରିବା ପରେ ଗାଡିଟି ସେଠାରେ ନ ଥିବା ଦେଖି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୫୭/୨୧ରେ ଏକ ମାମଲା ରୁଜୁ କରିଥିଲା। ସେହିପରି ମେ ୨୮ରେ ଉମାକାନ୍ତ ନାଏକଙ୍କ ଡ୍ରାଇଭର ଟ୍ରକ୍ (ନଂ. ଓଆର୦୯ଜି- ୯୨୧୧)କୁ ପବିତ୍ରମୋହନ ଛକ ନିକଟରେ ରଖିଥିଲେ। ବୁଧବାର ଉକ୍ତ ସ୍ଥାନରେ ଗାଡ଼ି ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ଉମାକାନ୍ତ ତାଳଚେର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୩୨/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରୀ ସତ୍ୟବ୍ରତ ରାଉତ, ଏସ୍.ଆଇ ମନୋହର ପାତ୍ର, ଏସ୍.ଆଇ ବିପ୍ଳବ ସାହୁ ଓ ଥାନା କର୍ମଚାରୀମାନେ ବିଭିନ୍ନ ଜାଗାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଗାଡ଼ି ୨ଟିକୁ ଜବତ କରିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଅରୁଣ ଜେବିସିସିଆଇ ସଭ୍ୟ ମନୋନୀତ

**ତାଳଚେର,୧୦।୬(ନି.ପ୍ର.):** କୋଲ୍ ଇଣ୍ଡିଆର ଏକାଦଶ ଜେବିସିସିଆଇ ସଭ୍ୟ ଭାବେ



ତାଳଚେର କୋଲଫିଲ୍ଡସର ଶ୍ରମିକ ନେତା ଅରୁଣ ପ୍ରଧାନ ମନୋନୀତ ହୋଇଛନ୍ତି। ବିଏମ୍‌ଏସ୍ ପରିଚାଳିତ ଅଖିଳ ଭାରତୀୟ ଖାଦାନ ମଜଦୁର ସଂଘ ତରଫରୁ ଓଡ଼ିଶାରୁ ଏକମାତ୍ର ସଦସ୍ୟ ଭାବେ ଅରୁଣଙ୍କ ନାମ ଅନୁମୋଦନ କରାଯାଇଛି। ସେ ତାଳଚେର କୋଇଲା ଖଣି ମଜଦୁର ସଂଘ ସଭାପତି ଓ ଏମ୍‌ସିଏଲ୍‌ର ଜେସି ସଭ୍ୟ। ତାଙ୍କର ଏହି ନୂତନ ନିଯୁକ୍ତି ନେଇ ବିଏମ୍‌ଏସ୍‌ର ଶ୍ରମିକ ନେତା ସଞ୍ଜୟ ମାଝି, କିଶୋର ଚନ୍ଦ୍ର ସାହୁ, ରଞ୍ଜନ ବେହେରା, ସଞ୍ଜୀବ ମହାପାତ୍ର, ସୁଦର୍ଶନ ମହାନ୍ତି, ମନୋରଞ୍ଜନ ପ୍ରଧାନଙ୍କ ସମେତ ତାଳଚେର କୋଇଲା ଖଣି ମଜଦୁର ସଂଘ ଓ ବିଏମ୍‌ଏସ୍ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ସେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସହ ମଜୁରି ନିର୍ଦ୍ଧାରଣ କ୍ଷେତ୍ରରେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ଶ୍ରମିକମାନେ ଆଶା ପ୍ରକଟ କରିଛନ୍ତି।

### ଚୋରା କାଠ ଜବତ

**ଖମାର,୧୦।୬:** ଦେବଗଡ଼ ବନଖଣ୍ଡ ଖମାର ବନାଞ୍ଚଳରୁ ଗୁରୁବାର ଚୋରା କାଠ ଜବତ କରାଯାଇଛି। କେତେଜଣ କାଠ ଚୋର ସାଇକେଲ ଯୋଗେ ଖମାର କଲେଜ ରାସ୍ତାରେ କାଠ ନେଉଥିବା ଖବର ପାଇ ବନରକ୍ଷୀ ସୁନୀଲ କୁମାର ବେହେରା ଓ ପାରା ଫରେଷ୍ଟ ଷ୍ଟାଫ ଚଢ଼ାଉ କରିଥିଲେ। ଏହି ସମୟରେ ଚୋରମାନେ ସାଇକେଲ ସହ କାଠ ଛାଡ଼ି ଫେରାର ହୋଇଯାଇଥିଲେ। ପାଖାପାଖି ୨୫ ସିଏଫ୍‌ଟି କାଠ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କା ହେବ ବୋଲି ରେଞ୍ଜର ଚନ୍ଦ୍ର ଶେଖର ଗଡ଼ନାୟକ ପ୍ରକାଶ କରିଛନ୍ତି। ଏଠାରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ ବୋଲି ରେଞ୍ଜର କହିଛନ୍ତି।

### ଅଘୋଷିତ ବିଦ୍ୟୁତ୍ କାଟ

**ବଇଣ୍ଡା,୧୦।୬(ଡି.ଏନ.ଏ.):** କିଶୋରନଗର ବ୍ଲକ ବାମୁର, ଧଉରାପାଲି, ହିମିତିରା, ଅଙ୍ଗପଡା, ଧଡରପାଳ ଆଦି ପଞ୍ଚାୟତରେ କିଛିଦିନ ହେବ ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବା ଅଭିଯୋଗ ହୋଇଛି। କୌଣସି କାମ ନ ଥାଇ ବାରମ୍ବାର ବିଦ୍ୟୁତ୍ କାଟି ଦିଆଯାଉଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏହି ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ପାଇଁ ଧଉରାପାଲିଠାରେ ସବ୍ ଷ୍ଟେଶନ ହୋଇଛି। ହେଲେ ଲୋକଙ୍କୁ ୨୪ ଘଣ୍ଟିଆ ସେବା ମିଳିପାରୁନାହିଁ। ଅପରାହ୍ନ ସମୟରେ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ କାଟ ହେଉଛି। ଅସହ୍ୟ ଗୁଳୁଗୁଳି ହେଉଥିବା ବେଳେ ଲାଇନ ନ ରହିବା ଯୋଗୁ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ବହୁ ପୁରୁଣା ଖୁଣ୍ଟ ଓ ତାରରେ ସେବା ଯୋଗାଇ ଦିଆଯାଉଥିବା ବେଳେ ସାମାନ୍ୟ ବର୍ଷା କିମ୍ବା ପବନ ବହିଲେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ଅନ୍ୟପଟେ ଏହି ପଞ୍ଚାୟତର କେତେଜଣ ଲୋକ ହୁକ ପକାଇ ଉଚ୍ଚ ଶକ୍ତିର ଯନ୍ତ୍ରପାତି ବ୍ୟବହାର କରୁଥିବା ଯୋଗୁ ସନ୍ଧ୍ୟା ହେଲେ ଲୋ ଭୋଲଟେଜ ଦେଖାଯାଉଛି। ଫଳରେ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏଥିପ୍ରତି ବିଦ୍ୟୁତ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ବାମୁର କନିଷ୍ଠଯନ୍ତ୍ରୀ ଲିଙ୍ଗରାଜ ବେହେରା କହିଛନ୍ତି, କାମ ହେଉଥିବା ସମୟରେ ବିଦ୍ୟୁତ୍ କାଟ ହେଉଛି। ତୁରନ୍ତ ସମାଧାନ କରାଯିବ।

### ଚୋରା କେନ୍ଦୁପତ୍ର ଜବତ

**ବନ୍ତଲା,୧୦।୬(ଡି.ଏନ.ଏ.):** ଅନୁଗୋଳ ରେଞ୍ଜ ପୁରୁଣାଗଡ଼ ସେକ୍ସନ ଶରଧାପୁର ଗ୍ରାମ ନିକଟରେ ଗୁରୁବାର ସକାଳେ ବନବିଭାଗ ଚଢାଉ କରି ଏକ ଚୋରା କେନ୍ଦୁପତ୍ର ଭର୍ତ୍ତି ଗାଡ଼ି ଜବତ କରିଛି। ଏଥିରୁ ୩୧୧ କେଜି କେନ୍ଦୁପତ୍ର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୬୨ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ଚଢାଉରେ ରେଞ୍ଜ ଅଧିକାରୀ ସତ୍ୟବ୍ରତ ପ୍ରଧାନ, ଫରେଷ୍ଟର ବେଣୁଧର ଭେଗେତା, ଗାର୍ଡ ଲୁଲୁ ପ୍ରଧାନ, ବିନୋଦ ଦେହୁରୀ ଓ ପୁରୁଣା ଗଡ଼ ସେକ୍ସନ କର୍ମଚାରୀ ସାମିଲ ଥିଲେ।

### ଟ୍ରାନ୍ସଫର୍ମର ପାଇଁ ହନ୍ତସନ୍ତ

**ମାଧପୁର,୧୦।୬:** ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତର ୧୦ କେ.ଭି. ବିଦ୍ୟୁତ୍ ଟ୍ରାନ୍ସଫର୍ମର ୨୫ ଦିନ ହେବ ପୋଡିଯାଇଛି। ଫଳରେ ଗ୍ରାମବାସୀ ରାତିରେ ଅନ୍ଧାରରେ ରହିବା ସହିତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିଲାଙ୍କ ପାଠପଢ଼ା ମଧ୍ୟ ବ୍ୟାହତ ହେଉଛି। ଏହା ଜିଲାର ସୀମାନ୍ତ ଅଞ୍ଚଳ ହୋଇଥିବାରୁ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନରେନ୍ଦ୍ର ବାରିକ କହିଛନ୍ତି, ୧୦ କେ.ଭି. ଟ୍ରାନ୍ସଫର୍ମର ମହଜୁଦ ନ ଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ଆଗାମୀ ୪/୫ ଦିନ ଭିତରେ ଟ୍ରାନ୍ସଫର୍ମର ଲାଗିବ ବୋଲି ସେ କହିଛନ୍ତି।

## ଭାଜପା ପକ୍ଷରୁ ଦାବିପତ୍ର


ତାଳଚେର ସହକାରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ତାଳଚେର,୧୦।୬(ନି.ପ୍ର.)**

ଅନୁଗୋଳ ଷ୍ଟାଡିୟମରେ ଚାଲିଥିବା ୧୮ରୁ ୪୪ ବର୍ଷ ଯୁବବର୍ଗଙ୍କ ଟିକାକରଣ ପରି ତାଳଚେର ଅଞ୍ଚଳରେ ମଧ୍ୟ ଟିକାକରଣ କରାଯିବା ନିମନ୍ତେ ଭାଜପା ପକ୍ଷରୁ ଅନୁଗୋଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି, କରୋନାର ଦ୍ୱିତୀୟ ଲହର ଭୟାବହତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଟିକାକରଣ ଓ କୋଭିଡ୍ ପରୀକ୍ଷଣକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସରକାରଙ୍କ ଗାଇଡଲାଇନ ଅନୁସାରେ ୪୫ ବର୍ଷରୁ ଅଧିକ ବ୍ୟକ୍ତିମାନଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯାଉଛି। କିନ୍ତୁ ବର୍ତ୍ତମାନ ପ୍ରଥମ ଡୋଜ୍ ଟିକା ପାଇଁ ଏହି ବୟସ୍କମାନେ ଅଧିକ ସଂଖ୍ୟାରେ ଟିକାକେନ୍ଦ୍ରକୁ ଆସୁନାହାନ୍ତି। ତେଣୁ ତାଳଚେର ଭଳି ଶିଳ୍ପାଞ୍ଚଳ ପାଇଁ ଟିକାର ମହତ୍ତ୍ୱ ଅଧିକ ରହୁଛି। ଏଠାକୁ ରାଜ୍ୟ ବାହାର ଲୋକ ଯାତାୟାତ କରୁଛନ୍ତି। ଏହାକୁ ବିଚାରକୁ ନେଇ ୧୮ ବର୍ଷରୁ ୪୪ ବର୍ଷ ବୟସ୍କଙ୍କ ପାଇଁ ତାଳଚେରର ବିଭିନ୍ନ କେନ୍ଦ୍ରରେ ଟିକାକରଣ କରାଯିବାକୁ ଭାଜପା ପକ୍ଷରୁ ନିବେଦନ କରାଯାଇଛି। ଏକ ପ୍ରତିନିଧିମଣ୍ଡଳୀ ତାଳଚେର ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ମିନର୍ଭା ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଭାଜପା ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଜିଲା ଯୁବମୋର୍ଚ୍ଚା ପ୍ରଭାରୀ ଯଯାତି ପଟ୍ଟନାୟକ, ଜିଲା ମିଡିଆସେଲ ଅଧ୍ୟକ୍ଷ ପର୍ଶୁରାମ ବାରିକ, କାଳନ୍ଦୀ ପ୍ରଧାନ, ଜିତେନ୍ଦ୍ର ଦାସ, ସୁକାନ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ୨୯୫ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୦।୬**

ଅନୁଗୋଳ ଜିଲାରୁ ଗୁରୁବାର ୨୯୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୩୭ ହଜାର ୬୪୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ବଣ୍ଡଁରପାଳ ବ୍ଲକରୁ ସର୍ବାଧିକ ୪୪ ଜଣ, ଅନୁଗୋଳ ବ୍ଲକରୁ ୪୧, କଣିହାଁ ବ୍ଲକରୁ ୩୫, ତାଳଚେର ବ୍ଲକରୁ ୩୪, ଆଠମଲ୍ଲିକ ବ୍ଲକରୁ ୩୨, ଛେଣ୍ଡିପଦା ବ୍ଲକରୁ ୨୯, କିଶୋରନଗର ବ୍ଲକରୁ ୨୭, ପାଲଲହଡ଼ା ବ୍ଲକରୁ ୨୩, ଅନୁଗୋଳ ପୌରାଞ୍ଚଳରୁ ୧୧, ତାଳଚେର ପୌରାଞ୍ଚଳରୁ ୧୦ ଓ ଆଠମଲ୍ଲିକ ଏନ୍‌ଏସିରୁ ୯ ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ କୋଭିଡ୍ ୱାର୍ଡ ଓ ୧୦୬ ଜଣଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୪୫୬ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ଜିଲାର ୪ ଜଣଙ୍କ କରୋନାରେ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ମୋଟ୍ ମୃତକଙ୍କ ସଂଖ୍ୟା ୧୪୪ରେ ପହଞ୍ଚିଛି।

## ଡିଜେଲ ଚୋରି ଅଭିଯୋଗରେ କର୍ମଚାରୀ ଗିରଫ

- ଏମ୍‌ସିଏଲ୍ ପକ୍ଷରୁ ଥାନାରେ ଏତଲା
- ଜବତ ହେଲା ପିକ୍‌ଅପ୍ ଭ୍ୟାନ

**ତାଳଚେର,୧୦।୬ (ନି.ପ୍ର.)**


ଜବତ ହୋଇଥିବା ପିକ୍‌ଅପ୍ ଭ୍ୟାନ।

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ବଳରାମ ଓସିପି ଏରିଆରୁ ଡିଜେଲ ଚୋରି ଅଭିଯୋଗରେ କମ୍ପାନୀର ଜଣେ କର୍ମଚାରୀଙ୍କୁ କୋଲିୟାରୀ ପୋଲିସ ଗିରଫ କରିଛି। ତାଙ୍କ ନାମ କ୍ଷେତ୍ରବାସୀ ସାହୁ। ଜବତ ହୋଇଥିବା ଏକ ପିକ୍‌ଅପ୍ ଭ୍ୟାନ କ୍ଷେତ୍ରବାସୀଙ୍କ ସ୍ତ୍ରୀଙ୍କ ନାମରେ ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୋଲିସର କହିବା ଅନୁଯାୟୀ, ଖଣି ଅଞ୍ଚଳରେ ଓଆଇଏସ୍‌ଏଫ୍ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ବୁଧବାର ରାତି ପ୍ରାୟ ୩ଟା ୩୦ରେ ଏକ ପିକ୍‌ଅପ୍ ଭ୍ୟାନ (ନଂ. ଓଡି୩୫ବି- ୩୯୮୦) ଧରାପଡ଼ିଥିଲା। ଉକ୍ତ ଗାଡ଼ିରେ ୨୨ ଗୋଟି ଖାଲି ଜାର, ପ୍ଲାଷ୍ଟିକ ପାଇପ ଆଦି ରହିଥିଲା। ଏଥିରୁ ଗାଡ଼ିଟି ଡିଜେଲ ଚୋରିରେ ଲାଗିଥିବା ଜଣାପଡ଼ିଥିଲା। ଉକ୍ତ ଗାଡ଼ିଟି ଖଣି କର୍ମଚାରୀ କ୍ଷେତ୍ରବାସୀଙ୍କ ସ୍ତ୍ରୀଙ୍କ ନାମରେ ଥିବାବେଳେ କ୍ଷେତ୍ରବାସୀ ଏହି ଚୋରା କାରବାରରେ ସମ୍ପୃକ୍ତ ରହିଛନ୍ତି। ଏହା ଜାଣିବା ପରେ ଓଆଇଏସ୍‌ଏଫ୍ ଓ ଖଣି ସୁରକ୍ଷା କର୍ମୀମାନେ ଗାଡ଼ିଟିକୁ ଜବତ କରି ପୋଲିସ ଜିମା ଦେଇଥିଲେ। ଏମ୍‌ସିଏଲ୍ ପକ୍ଷରୁ ଏତଲା ଦେଇଥିବା ପ୍ରୋଜେକ୍ଟ ମ୍ୟାନେଜର୍ ଏସ. ଭି. ଯୋଶୀ ଅଭିଯୋଗପତ୍ରରେ ଏହା ଦର୍ଶାଇବା ପରେ ପୋଲିସ ନଂ. ୨୪୨/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କ୍ଷେତ୍ରବାସୀ ସାହୁଙ୍କୁ ଗିରଫ ଥିବା ପୋଲିସ ପ୍ରକାଶ କରିଛି।

## ଗ୍ରାନାଇଟ ଚୋରି ଅଭିଯୋଗ: ୩ ଗିରଫ

**ତାଳଚେର,୧୦।୬**

ଗ୍ରାନାଇଟ ଚୋରି ଅଭିଯୋଗରେ ତାଳଚେର ବ୍ଲକ କୋଲିୟାରୀ ଥାନା ପୋଲିସ ଗୁରୁବାର ୩ ଜଣକୁ ଗିରଫ କରିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ଡୁମୁସିଙ୍ଗା ଥାନା ଗାଙ୍ଗିଯୋଡି ଗ୍ରାମର ଗୌତମ ନାୟକ(୨୩), ଦିଲୀପ କୁମାର ସାମଲ(୩୦) ଓ ରଞ୍ଜନ ସାହୁ(୨୮)। ସେମାନଙ୍କଠାରୁ ପୋଲିସ ଏକ ଟାଟାଏସିଇ ଗାଡି ଜବତ କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଖସି ପଳାଇଥିବା ଜଣାପଡ଼ିଛି। ପୋଲିସ କହିଛି, ଢେଙ୍କାନାଳ ଜିଲା ଡୁମୁସିଙ୍ଗା ଥାନା ଗାଙ୍ଗିଯୋଡି ଗ୍ରାମର ଲିଟୁ ସାହୁ ଭାଲୁଗାଠାରେ ଜେସିବି ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ସେ ସ୍ଥାନୀୟ କୁସୁମପାଳ ଅଞ୍ଚଳରେ ରହୁଛନ୍ତି। ସେ ରହୁଥିବା ଜାଗାରେ ଗ୍ରାନାଇଟ ପିସ୍ ଗୁଡ଼ିକ ରଖାଯାଉଥିଲା। ଗତ ମଙ୍ଗଳବାର ରାତିରେ ସେ କେତେଜଣ ସହଯୋଗୀଙ୍କ ସହ ଉକ୍ତ ଗ୍ରାନାଇଟ ପିସ୍ ଗୁଡ଼ିକୁ ଚୋରି କରି ଏକ ଟାଟାଏସିଇରେ ବହ୍ଲର ଛକ ଅଭିମୁଖେ ନେଇଥିଲେ। ସେଠାରେ ଗାଡ଼ି ମରାମତି କରିବାକୁ ଠିଆ କରିଥିଲେ। ଉକ୍ତ ଗାଡ଼ିରେ ଡ୍ରାଇଭରଙ୍କ ସମେତ ଅନ୍ୟ ୨ଜଣ ସହଯୋଗୀ ଥିଲେ। ଏ ସମ୍ପର୍କରେ ପୋଲିସ କୌଣସି ସୂତ୍ରରୁ ଖବରପାଇ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ ଲିଟୁ ସାହୁ ଫେରାର ରହିଥିବାର ପୋଲିସ ସୂଚନା ଦେଇଛି।



ଗିରଫ ୩ ଅଭିଯୁକ୍ତ

## ମନ୍ଦିରରେ ତାଲା, ପୋଲିସ ପଇଁତରା



ସାବିତ୍ରୀ ବ୍ରତ ଭିଡ଼ ଏଡ଼ାଇବାକୁ ମନ୍ଦିର ଆଗରେ ପୋଲିସ ଜଗି ରହିଛି।

**ଅନୁଗୋଳ ଅଫିସ, ୧୦।୬**

ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ଏବେ ବି ଉଦ୍‌ବେଗଜନକ ଅବସ୍ଥାରେ ଥିବାରୁ ସାବିତ୍ରୀ ବ୍ରତ ପାଇଁ ମନ୍ଦିରଗୁଡ଼ିକରେ ଯେପରି ଭିଡ଼ ନ ହୁଏ, ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ୨ ଦିନ ଧରି ମନ୍ଦିର ବନ୍ଦ ରଖାଯାଇଥିଲା। ଏଥିସହ ଦେବାଳୟ ନ ଯାଇ ଘରେ ଭୋଗ ଲଗାଇବାକୁ ମହିଳାମାନଙ୍କୁ ପରାମର୍ଶ ଦିଆଯାଇଥିଲା। ତଥାପି କାଳେ ମନ୍ଦିର ଖୋଲି କେଉଁଠି ପୂଜା ହେବ, ତାହା ତଦାରଖ କରିବାକୁ ଜିଲାର ବିଭିନ୍ନ ମନ୍ଦିରରେ ପୋଲିସ, ତହସିଲଦାର, ବିଡିଓମାନେ ପଇଁତରା ମାରିଥିଲେ। ଅନୁଗୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଦୁଇଟି ଗାଡ଼ିରେ ଯାଇଥିବା ଅଧିକାରୀମାନେ ବିଭିନ୍ନ ସ୍ଥାନରେ ତଦାରଖ କରିଥିବାବେଳେ ଅନୁଗୋଳ, ବଣ୍ଡଁରପାଳ ଓ ଛେଣ୍ଡିପଦାର ତହସିଲ କାର୍ଯ୍ୟାଳୟ ପକ୍ଷରୁ ମଧ ମନ୍ଦିରଗୁଡ଼ିକ ଉପରେ ନଜର ରଖାଯାଇଥିଲା। ତେବେ ସେପରି କୌଣସି ସ୍ଥାନରେ ଲୋକମାନେ ଅମାନିଆ ହୋଇ ନ ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏ ନେଇ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି, ବିଭିନ୍ନ ସ୍ଥାନରେ ଲୋକମାନେ ପ୍ରଶାସନର ନିୟମ ମାନିଛନ୍ତି। କୌଣସି ମନ୍ଦିରରେ ଭିଡ଼ ହୋଇନାହିଁ। ପ୍ରଶାସନିକ ଅଧିକାରୀଙ୍କ ସହ ପୋଲିସ ବିଭିନ୍ନ ସ୍ଥାନରେ ତଦାରଖ କରିଥିଲେ।

### କିନ୍ନର ପାଳିଲେ ସାବିତ୍ରୀ ବ୍ରତ

**ଅନୁଗୋଳ ଅଫିସ, ୧୦।୬:** ଅନୁଗୋଳ ଜିଲା କିନ୍ନର ମହାସଂଘ ପକ୍ଷରୁ ଗୁରୁବାର ସାବିତ୍ରୀ ବ୍ରତ ପାଳନ କରାଯାଇଛି। ଅନୁଗୋଳ ସହର ନାରଣସାଗର ନିକଟରେ ଥିବା ମା' ବହୁଚରୀ ପୀଠରେ କିନ୍ନରମାନେ ଏ ନେଇ ପୂଜାର୍ଚ୍ଚନା କରିଥିଲେ। କରୋନା କଟକଣାକୁ ମାନି ସମାଜର ମଙ୍ଗଳ ପାଇଁ ସେମାନେ ବ୍ରତ ପାଳନ କରିଥିବା ସୂଚନା ମିଳିଛି। ଭାନୁପ୍ରିୟା ସାମଲ, ପାର କିନ୍ନର ଓ ବୁଲବୁଲି କିନ୍ନରଙ୍କ ସମେତ ମୋଟ୍ ୧୦ ଜଣ ଉପସ୍ଥିତ ଥିଲେ।


ମା' ବହୁଚରୀ ପୀଠରେ କିନ୍ନରମାନେ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି।

